To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ସମ୍ବଲପୁର ସହରରେ ଜଣ୍ଡିସ ବ୍ୟାପିଛି । ଏକ ସପ୍ତାହ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬ ରେ ପହଞ୍ଚିଥିବାବେଳେ ଧିରେ ଧିରେ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ପାଉଥିବା ଜଣାପଡିଛି ।



R.N.I. No.-42041/83 Vol-15, Issue No.246, ଭଦ୍ରକ, ରବିବାର, ୧୧, ମାର୍ଚ୍ଚ ୨୦୧୮ ■ Bhadrak, Sunday, 11 March 2018 Rs. 2.00 Pages-8

# ମୃତ୍ୟୁର ଢ଼ାଲ ସାଜିଛି କ୍ୟାନ୍‌ସର



ଭୁବନେଶ୍ୱର, ୧୦।୩ (ସକାଳ ଖବର) : ମୃତ୍ୟୁର ଢ଼ାଲ ସାଜିଛି କ୍ୟାନସର । ବର୍ତ୍ତମାନ କ୍ୟାନସର ଯୋଗୁଁ ରାଜ୍ୟରେ ଅକାଳରେ ବହୁ ମୂଲ୍ୟବାନ ଜୀବନ ଝରିପଡୁଛି । ରାଜ୍ୟରେ ଦିନକୁ ୬୯ ଜଣ କ୍ୟାନସର ପୀଡ଼ିତ ପ୍ରାଣ ହରାଉଛନ୍ତି । ଲୋକସଭାରେ କ୍ୟାନସର ଜନିତ ମୃତ୍ୟୁକୁ ନେଇ ଉପସ୍ଥାପିତ ରାଜ୍ୟୱାରୀ ତଥ୍ୟରୁ ଏହା ସାମ୍ନାକୁ ଆସିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଉପସ୍ଥାପିତ ତଥ୍ୟରେ କୁହାଯାଇଛି ଯେ ୨୦୧୬ ମସିହାରେ ଓଡ଼ିଶାରେ ଦୈନିକ ୬୯ ଜଣ ରୋଗୀ ପ୍ରାଣ ହରାଉଥିବାର ଜଣାପଡ଼ିଛି । ଶୁକ୍ରବାର ଉପସ୍ଥାପିତ ଲିଖିତ ତଥ୍ୟରେ କୁହାଯାଇଛି ଯେ ରାଜ୍ୟରେ ୨୦୧୬ ମସିହାରେ ୪୯,୬୭୪ କ୍ୟାନସର ପୀଡ଼ିତ ଥିବା ଜଣାଯାଇଥିଲା । ସେଥିରୁ ୨୫୦୩୫ ଜଣଙ୍କର ମୃତ୍ୟୁ ଘଟିଛି । ଏହାକୁ ହିସାବ କଲେ ଦୈନିକ ୬୯ ଜଣ କ୍ୟାନସର ରୋଗୀ ମୃତ୍ୟୁବରଣ କରୁଥିବା ଜଣାଯାଇଛି । ଦେଶରେ ୨୦୧୬ ମସିହାରେ ୧୪,୫୧୪୧୭ କ୍ୟାନସର ରୋଗୀଙ୍କ ମଧ୍ୟରୁ ୭୩,୨୯୨୧ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି । ୨୦୧୪ ମସିହା ପରଠାରୁ ରାଜ୍ୟରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୧୪ରେ କ୍ୟାନସର ପୀଡ଼ିତଙ୍କ ସଂଖ୍ୟା ୪୫,୭୩୬ ଥିବାବେଳେ ସେହିବର୍ଷ ୨୩୦୪୩ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ୨୦୧୫ରେ ୪୭,୬୬୬ ଜଣ ରୋଗୀଙ୍କ ମଧ୍ୟରୁ ପ୍ରାଣ ହରାଇଥିଲେ ୨୪,୦୧୯ ଜଣ ଓ ୨୦୧୬ରେ ମୃତ୍ୟୁ ସଂଖ୍ୟା ୨୫,୦୩୫ ରେ ପହଞ୍ଚିଥିଲା ।

## ଦିନକୁ ପ୍ରାଣ ହରାଉଛନ୍ତି ୬୯

# ଭାରତ-ଫ୍ରାନ୍ସ ମଧ୍ୟରେ ୧୪ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୧୦।୩: ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୧୪ଟି ରାଜିନାମା ଉପରେ ସ୍ୱାକ୍ଷରିତ କରିଛନ୍ତି । ହାଇଦ୍ରାବାଦ ହାଉସରେ ହୋଇଥିବା ଏହି ବୈଠକ ପରେ ଉଭୟ ନେତା ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ ଆମେ ଦୁଇ ଜଣ କେବଳ ଗଣତନ୍ତ୍ର ଦେଶର ନେତା ନୁହେଁ ବରଂ ଦୁଇଟି ସମୃଦ୍ଧ ଓ ସମର୍ଥ ବିରାସର ଉତ୍ତରାଧିକାରୀ ମଧ୍ୟ । ପିଏମ ମୋଦୀ କହିଛନ୍ତି ଯେ ସ୍ୱତନ୍ତ୍ରତା, ସମାନତା ଓ ଭାଇଚାରା ଉଭୟ ଦେଶରେ ସମାହିତ ହୋଇ ରହିଛି । ମୋଦୀ କହିଛନ୍ତି ଆମର ରଣନୀତି ଭାଗିଦାରୀ ୨୦ ବର୍ଷର ପୁରୁଣା ହେଲେ ମଧ୍ୟ ଆମର ସଭ୍ୟତା ଭାଗିଦାରୀ ଶତାବ୍ଦୀ ଧରି ଚାଲି ଆସିଛି । ୧୮୦୦ ଶତାବ୍ଦୀଠୁ ନେଇ ଆଜି ପର୍ଯ୍ୟନ୍ତ




ପଞ୍ଚତନ୍ତ୍ର କାହାଣୀ, ମହାଭାରତ ଓ ରାମାୟଣ ଜରିଆରେ ଫ୍ରାନ୍ସିସ୍ ବିଚାରକ ଭାରତର ସଭ୍ୟତାକୁ ଜାଣିବାକୁ ଚେଷ୍ଟା କରିଛନ୍ତିଛ ରୋମୟା ରୋଲା, ଭିକ୍ଟର ହ୍ୟୁଗୋ ପରି ଲୋକ ଭାରତର ଗଭୀର ଅଧ୍ୟୟନ କରିଛନ୍ତି । ପିଏମ ମୋଦୀ କହିଛନ୍ତି ଫ୍ରାନ୍ସ ଓ ଭାରତ ଗୋଟିଏ ମଞ୍ଚରେ ଉପସ୍ଥିତ ଶାନ୍ତିମୟ ବିଶ୍ୱପାଇଁ ଏକ ସୁବର୍ଣ୍ଣ ସୁଯୋଗର ସଙ୍କେତ ଦେଇଛି । ଯଦି କୌଣସି ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଚାଲି ପାରିବେ ସେ ହେଉଛି ଭାରତ ଓ ଫ୍ରାନ୍ସ ।

## ଏପ୍ରିଲ୍‌ରୁ ଇ-ୱେ ବିଲ୍ ପ୍ରଚଳନ

ଭୁବନେଶ୍ୱର, ୧୦।୩ (ସକାଳ ଖବର) : ଏପ୍ରିଲ ମାସରୁ ଇ-ୱେ ବିଲ୍ ପ୍ରଚଳନ କରିବା ପାଇଁ ଜିଏସଟି ର ୨୬ତମ ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି । ସେହିପରି ରିଟର୍ଣ୍ଣ ଦାଖଲ କରିବାରେ ସରଳୀକରଣ କରିବା ପାଇଁ ନିଷ୍ପତି ହୋଇଛି ବୋଲି ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ପ୍ରକାଶ କରିଛନ୍ତି। ଦିଲ୍ଲୀଠାରେ ଅନୁଷ୍ଠିତ ଏହି ବୈଠକରେ ଏହି ସବୁ ନିଷ୍ପତି ନିଆଯାଇଥିବା ସେ କହିଥିଲେ ।

## ଓପିନିଅନ୍ ପୋଲ ରୋକ୍ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ



ନୂଆଦିଲ୍ଲୀ, ୧୦।୩: ନିର୍ବାଚନ ପୂର୍ବ ସର୍ବେକ୍ଷଣର ପ୍ରକାଶନ ଏବଂ ପ୍ରସାରଣ ଉପରେ ରୋକ ଲଗାଯିବା ଆବେଦନ ଉପରେ ସୁପ୍ରିମକୋର୍ଟ ଖାରଜ କରିଦେଇଛି । ଏଥିରେ ନିର୍ବାଚନର ଅଧିସୂଚନା ଜାରୀ ହେବାରୁ ସବୁ ସ୍ତରକୁ ନିର୍ବାଚନୀ ଶେଷ ପର୍ଯ୍ୟନ୍ତ ଓପିନିଅନ ପୋଲରେ ପୁରାପୁରି ରୋକ ଲଗାଇବାକୁ ଆବେଦନ କରାଯାଇଛି । ଶୀର୍ଷ ଅଦାଲତ ଶୁକ୍ରବାର ଏହି ଘଟଣାକୁ ଶୁଣିବାକୁ ମନା କରିଦେଇଛନ୍ତି । ଚିଫ୍ ଜଷ୍ଟିସ୍ ଦୀପକ ମିଶ୍ରା, ଜଷ୍ଟିସ ଏଏମ ଖାନିଲକର ଏବଂ ଜଷ୍ଟିସ ଡୋଓ ଚନ୍ଦ୍ରଚୁଡ କହିଛନ୍ତି କି, କିଛିଲୋକ ବିଶେଷଜ୍ଞ ଅଟନ୍ତି । ଏହା ସମସ୍ତଙ୍କର ବ୍ୟକ୍ତଗତ ଅଧିକାର କି ସମସ୍ତେ ପରିସ୍ଥିତିକୁ ଦେଖି ବିଶ୍ଲେଷଣ କରି ନିଜର ମତ ଦେଇ ପାରିବେ । ଏହା ଅନ୍ୟ କୌଣସି ଘଟଣା ହେଉ କିମ୍ବା ନିର୍ବାଚନ ହେଉ । ଓକିଲ ଅଶ୍ୱିନୀ କୁମାର ଉପାଧ୍ୟେଙ୍କ ଠାରୁ ଏହା ଦାଖଲ କରାଯାଇଥିଲା । ଓକିଲ ନାରାୟଣ କହିଛନ୍ତି କି ଅନିୟମିତ ଜନମତ ସର୍ବେକ୍ଷଣ ଆଗାମୀ ନିର୍ବାଚନ ପାଇଁ ଭୁଲ ଏବଂ ମିଛ ଅନୁମାନ ପ୍ରସାର କରୁଛନ୍ତି । ଏହା ମତଦାତାଙ୍କ ଉପରେ ପ୍ରଭାବ ପକାଇପାରେ । ସମ୍ବିଧାନର ଅନୁଛେଦ୧୯(୧) ଦ୍ୱାରା ପ୍ରାପ୍ତ ସୂଚନା ଅନୁସାରେ ମୁକ୍ତ ଏବଂ ସନ୍ତୋଷ ଅପକ୍ଷପାତି ନିର୍ବାଚନକୁ କ୍ଷତି ପହଂଚାଇଥାଏ । ଓପିନିଅନ ପୋଲକୁ ନେଇ ପ୍ରଥମରୁ କେତେକ ନିୟମ ଅଛି । ଏଥିରେ ଏଜେଣ୍ଟ ଏବଂ ଓପିନିୟନ ପୋଲକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ । ଏଥିରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ସମୀକ୍ଷା କଲେ ପୋଲିସ୍ କମିଶନର ଓ ଡିସିପି

ଭୁବନେଶ୍ୱର, ୧୦।୩ (ସକାଳ ଖବର) : ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କଟକ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ୍ କମିଶନର ୱାଇ ବି ଖୁରାନିଆ ଓ କଟକ ଡିସିପି ଅଖିଳେଶ୍ୱର ସିଂ ସୁରକ୍ଷା ସମୀକ୍ଷା କରିଛନ୍ତି । ଆସନ୍ତା ୧୭ ତାରିଖରେ ରାଷ୍ଟ୍ରପତି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି କଟକ ସ୍ଥିତ ଆନନ୍ଦ ଭବନ ଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ମ୍ୟୁଜିୟମ୍ କୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେ ନେତାଜୀଙ୍କ ଜନ୍ମସ୍ଥାନ ମଧ୍ୟ ପରିଦର୍ଶନ କରିବେ । ସୂଚନାଯୋଗ୍ୟ ଯେ ଆସନ୍ତା୧୭ ତାରିଖ ପୂର୍ବାହ୍ନ ୧୦ଟା ୪୫ରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ଦିନ ୧୧ଟା ୫୫ରେ କଟକରେ ନେତାଜୀ ମ୍ୟୁଜିୟମ ପରିଦର୍ଶନ କରିବେ। (ପୃଷ୍ଠା-୭)

# ପ୍ରତି ଜିଲ୍ଲାରେ ହେବ ଆଦିବାସୀ ସଂଗ୍ରହାଳୟ




ଭୁବନେଶ୍ୱର, ୧୦।୩ (ସକାଳ ଖବର) : ପ୍ରତି ଜିଲ୍ଲାରେ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ସଂସ୍କୃତି, କଳା ଓ ଜନଜାତିଙ୍କ ବିବିଧତା ଉପରେ ଜନସାଧାରଣଙ୍କ ନିକଟରେ ସୂଚନା ପହଂଚିପାରିବ ବୋଲି ଏଠାରେ ଆୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରାଯାଇଛି । ଜନଜାତି ଅଧ୍ୟୁଷିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ଗଜପତି, ରାୟଗା, ନବରଙ୍ଗପୁର ଓ ମାଲକାନଗିରି ଭଳି ୯ଟି ଜିଲ୍ଲାରେ ଗଠିତ ହୋଇଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ । ଏଥିରେ ସାମିଲ ୯ ଜିଲ୍ଲାର ୧୧୭ଟି ବ୍ଲକକୁ ବାର୍ଷିକ ଦେଢ କୋଟି ଟଙ୍କା ଭାବରେ ସମୁଦାୟ ୧୭୫.୫୦ କୋଟି ଟଙ୍କା ପ୍ରଦାନ କରାଯିବ । ଏହି ଟଙ୍କାରେ ଆଦିବାସୀଙ୍କ ପୂଜା ସ୍ଥଳୀ ଗୁଡ଼ିକର ବିକାଶ, (ପୃଷ୍ଠା-୭)

## ଦିଲ୍ଲୀ ଏମସ୍‌ରେ ଜଗା କାଳିଆଙ୍କୁ ଆଉ ୨ ମାସ ରଖିବାକୁ ବାପାଙ୍କ ନିବେଦନ



ଭୁବନେଶ୍ୱର,୧୦।୩ (ସକାଳ ଖବର) : ଜଗା ଅପେକ୍ଷାକୃତ ଭଲ ଅଛି। ସେ ଖେଳାଖେଳି ଓ ବୁଲାବୁଲି କରୁଛି। କିନ୍ତୁ କାଳିଆ ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇନାହିଁ ଏବେ ବି ସେ ପାଇପ୍ ଯୋଗେ ଖାଦ୍ୟ ଗ୍ରହଣ କରୁଛି। ଜଗା ମୁଣ୍ଡରେ ହୋଇଥିବା ସ୍କିନ୍ ଗ୍ରାଫ୍ଟିଂ ଏଯାଏ ଶୁଖିନାହିଁ ଏଭଳି ଅବସ୍ଥାରେ ତାକୁ ସ୍ଥାନାନ୍ତର କଲେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିପାରେ। ଦିଲ୍ଲୀ ଏମ୍ସରେ ଉଭୟଙ୍କୁ ଆଉ ୨ ମାସ ରଖାଯାଉ ବୋଲି କହିଛନ୍ତି ନୂଆଦିଲ୍ଲୀସ୍ଥିତ ଏମସ୍ ଠାରେ ଚିକିତ୍ସିତ ହେଉଥିବା କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା କାଳିଆଙ୍କ ବାପା ଭୂୟାଁ କହଁରା ସେ କହିଛନ୍ତି ଯେ ଦିଲ୍ଲୀ ଏମ୍ସରୁ ସେମାନଙ୍କୁ ଡିସଚାର୍ଜ କରାଗଲେ ଭୁବନେଶ୍ୱର ଏମ୍ସରେ ରଖାଯିବାକୁବ୍ୟବସ୍ଥା କରାଯାଉ। ଅନ୍ୟପକ୍ଷରେ ଜଗା କାଳିଆ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଦିଲ୍ଲୀ ଏମସରେ ରଖାଯାଉ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଅନୁରୋଧ କରିଛନ୍ତି।

## ୨୦୧୯ ପର୍ଯ୍ୟନ୍ତ ପିସିସି ସଭାପତି ରହିବେ ପ୍ରସାଦ

ଭୁବନେଶ୍ୱର, ୧୦।୩ (ସକାଳ ଖବର) : ୨୦୧୯ ପର୍ଯ୍ୟନ୍ତ ପିସିସି ସଭାପତି ପଦବୀରେ ରହିବେ ପ୍ରସାଦ ହରିଚନ୍ଦନ। ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧି ଏପର୍ଯ୍ୟନ୍ତ ପିସିସି ସଭାପତି ପରିବର୍ତନ ନେଇ କୌଣସି ନିଷ୍ପତି ନେଇ ନାହାନ୍ତି ବୋଲି କଂଗ୍ରେସର ଶୃଙ୍ଖଳା କମିଟିର ଅଧ୍ୟକ୍ଷା ସଂଧ୍ୟା ରାଣୀ ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଆଇସିସି ପ୍ରସାଦଙ୍କ ଇସ୍ତଫାକୁ ଗ୍ରହଣ କରିନାହିଁ। ୨୦୧୯ କୁ ୮/୯ ମାସ ବାକି ରହିଥିବା ବେଳେ ନୂଆ ପିସିସି ସଭାପତି କାମ କରିବା ସମ୍ଭବ ହେବନାହିଁ । ଅନ୍ୟପକ୍ଷରେ ଏସମ୍ପର୍କରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଏନେଇ ପ୍ରସାଦ ବାବୁ ମୁହଁ ଖୋଲିନାହାନ୍ତି। ପଂଚାୟତ ନିର୍ବାଚନ ସମୟରେ ଇସ୍ତଫା ଦେବା ନେଇ ଚର୍ଚ୍ଚା ହୋଇଥିଲା। ଏବେ ବି ଚର୍ଚ୍ଚା ହେଉଛି । ରାହୁଲ ଗାନ୍ଧି ସର୍ବସ୍ୱ । ସେ ଯାହା ନିଷ୍ପତି ନେବେ । ବିଜେପୁର ଉପନିର୍ବାଚନରେ ୧୦ ହଜାର ଭୋଟ ମିଳିଲା । ୨୦୧୯ ସାଧାରଣ ନିର୍ବାଚନରେ ପ୍ରସାଦ ବାବୁ ତୁଳେଇ ପାରିଲେ ଆମର କିଛି କହିବାର ନାହିଁ । ସେହିପରି ଦିଲ୍ଲୀ ଅଧିବେଶନ ପାଇଁ ଖବର ଆସିନି । ଆସିଲେ ନିଶ୍ଚିତ ଯିବି ବୋଲି ସେ କହିଛନ୍ତି।

## ୯ ପରିବାରର ୧୨ ବଖରା ଘର ଭସ୍ମିଭୂତ

**ଅଳ୍ପକେ ବର୍ତ୍ତିଲେ ଦୁଇ ଶିଶୁପୁତ୍ର**

ବୌଦ୍ଧ, ୧୦।୩ (ସକାଳ ଖବର) : ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ଗ୍ରାମର ପ୍ରଧାନ ସାହିରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟି ୯ ଟି ପରିବାରର ସର୍ବସ୍ୱାନ୍ତ ହୋଇପଡିଛନ୍ତି । ଅଗ୍ନିକାଣ୍ଡରେ ୧୨ ବଖରା ଘର ସମେତ ପ୍ରାୟ ୨୫ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସଂମ୍ପତି ଜଳି ପାଉଁଶ ହୋଇଯାଇଥିବା ଜଣାପଡିଛି । ହଠାତ୍ ଆକସ୍ମିକ ଅଗ୍ନିକାଣ୍ଡରେ ଘରଦ୍ୱାର ପୋଡି ବାସହରା ହୋଇପଡିଥିବା ୯ ଟି ପରିବାରର ୪୦ ରୁ ଉର୍ଦ୍ଧ ସଦସ୍ୟ ଅତ୍ୟନ୍ତ ଅସହାୟ ଅବସ୍ଥାରେ ହରଭଙ୍ଗା ପ୍ରାଥମିକ ସ୍କୁଲରେ ଆଶ୍ରୟ ନେଇଥିବା ଦେଖାଯାଇଛି । ଅଗ୍ନିବିପନ୍ନ ପରିବାର ସମସ୍ତ ସଦସ୍ୟ କେବଳ ନିଜ ପିନ୍ଧା ବସ୍ତ୍ର ବ୍ୟତୀତ ସବୁକିଛି ନିଆଁରେ ପୋଡି ନଷ୍ଟ ହୋଇଯାଇଥିବା ଭଳି ଅକଥନୀୟ ହୃଦୟ ବିଦାରକ ଦୃଶ୍ୟ ସମସ୍ତଙ୍କ ମନରେ ଦାରୁଣ ଆଘାତ ଆଣିଥିବା ଲକ୍ଷ୍ୟକରାଯାଇଛି । ହରଭଙ୍ଗା ଗ୍ରାମ ପ୍ରଧାନ (ପୃଷ୍ଠା-୭)



**ଗରିବଙ୍କୁ ହଇରାଣ ଓ କଷ୍ଟ ଦିଅନ୍ତୁ ନାହିଁ**



**ହୁଣ୍ଡିର ଆୟ (୧୦.୩.୧୮)**
**୨, ୫୧, ୨୧୮**

# ପରୀକ୍ଷା ଦେଇ ନପାରି କଲେଜ ଛାତ୍ରଛାତ୍ରୀଙ୍କ ଭଙ୍ଗାରୁଜା



- କଲେଜ କର୍ତ୍ତୃପକ୍ଷ ଫେରାର୍
- ସଂସ୍କାର କଲେଜରେ ଉତ୍ତେଜନା
- ବାଉଁଶୁଣୀ ଥାନାରେ ଏତଲା ଦାୟର

ବୌଦ୍ଧ,୧୦।୩ (ସକାଳ ଖବର) : ବୌଦ୍ଧ ଜିଲା ବାଉଁଶୁଣୀ ସ୍ଥିତ ସଂସ୍କାର ଯୁକ୍ତ ୨ କଲେଜର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇ ନପାରିବାରୁ ଉତ୍ୟକ୍ତ ହୋଇ ଆଜି କଲେଜ ପରିସରରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ସଂସ୍କାର ଯୁକ୍ତ ୨ କଲେଜର ୬୫ ଜଣ ଛାତ୍ରଛାତ୍ରୀ ଗତ ବର୍ଷ ୨୦ ହଜାରରୁ ଅଧିକ ଟଙ୍କା ଜମା ଦେଇ ନାମ ଲେଖାଇଥିଲେ । ଚଳିତ ବର୍ଷ ସେମାନେ ପରକ୍ଷୀ ଫି ଦାଖଲ କରି ଆବଶ୍ୟକ ଫର୍ମ ମଧ୍ୟ ପୂରଣ କରିଥିଲେ । ମାତ୍ର ନିର୍ଦ୍ଧାରିତ ସମୟରେ ସେମାନଙ୍କୁ ଆଡମିଟ କାର୍ଡ ଦିଆନଯାଇ ପରୀକ୍ଷା ଦିନ ଆସିବାକୁ ସୂଚନା ଦିଆଯାଇଥିଲା । ଗତ ମଙ୍ଗଳବାର ଦିନ ରାଜ୍ୟରେ ଆରମ୍ଭ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ୨ ପରୀକ୍ଷା ଦେବାକୁ ଆସିବା ସମୟରେ କଲେଜରେ ତାଲା ପଡିଥିବା ଛାତ୍ରଛାତ୍ରୀମାନେ ଦେଖିବାକୁ ପାଇଥିଲେ । ମିଳିଥିବା ସୂଚନା ପ୍ରକାରେ କଲେଜ କର୍ମଚାରୀ ଏନେଇ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବା ସହ ରାଷ୍ଟ୍ରିୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ (ଏନଆଇଓଏସ୍) ମାଧ୍ୟମରେ ପରୀକ୍ଷା ଦେବାକୁ ପ୍ରବର୍ତାଇ ଥିଲେ, ମାତ୍ର ଆଜି ଛାତ୍ରଛାତ୍ରୀମାନେ କଲେଜରେ ପଂହଚିବା ସମୟରେ କଲେଜ ବନ୍ଦ ରହିଥିଲା । ଏପରିକି ଆଜି ସେହି ଛାତ୍ରଛାତ୍ରୀମାନଙ୍କ ଠାରୁ ନିଆଯାଇଥିବା ସମସ୍ତ ପଇସା ଫେରସ୍ତ ହେବାକଥା ମାତ୍ର ସେସବୁ କିଛି ନହେବା ଏବଂ କଲେଜ କର୍ତ୍ତପକ୍ଷ ଫେରାର୍ ଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ (ପୃଷ୍ଠା-୭)

## ଗୃହଯୁଦ୍ଧରେ ଜଳୁଛି ଆଫ୍‌ଗାନିସ୍ତାନ

### ତାଲିବାନ ଆତଙ୍କୀ ଆକ୍ରମଣରେ ୨୪ ଯବାନ ନିହତ

କାବୁଲ,୧୦।୩ : ଗୃହଯୁଦ୍ଧ ନିଆଁରେ ଜଳୁଥିବା ଆଫଗାନିସ୍ତାନରେ ଆତଙ୍କୀ ଆକ୍ରମଣ ଥମିବାର ନାଁ ନେଉନାହିଁ । ଏବେ ଆଫଗାନିସ୍ତାନର ଫରହ ପ୍ରାନ୍ତରେ ତାଲିବାନ ଆତଙ୍କବାଦୀମାନେ ଆଫଗାନିସ୍ତାନ ସୈନ୍ୟ ଶିବିର ଉପରେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ଅତି କମରେ ୨୪ ଜଣ ଆଫଗାନ ସୈନିକଙ୍କ ମୃତ୍ୟୁ ଘଟିଛି । ତାଲିବାନ ଆତଙ୍କବାଦୀ ପ୍ରାନ୍ତୀୟ ରାଜଧାନୀ ଫରହର ପୂର୍ବୋତ୍ତରରେ ବାଲା ବୁଲୁକ ଜିଲ୍ଲାରେ ଫରହ ମାର୍ଗ କ୍ଷେତ୍ରରେ ସୈନ୍ୟ ଶିବିର ଉପରେ ଶୁକ୍ରବାର ରାତିରେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ୨୪ ସୈନିକଙ୍କ ମୃତ୍ୟୁ ହେବା ସହିତ ଅନେକ ସୈନିକ ଗାଏବ ହେବାର ଖବର ରହିଛି । ଆତଙ୍କବାଦୀ ସୈନିକଙ୍କ ଏକ ବାହାନକୁ ମଧ୍ୟ ଚୁରମାର କରିଛନ୍ତି ଏବଂ ଅସ୍ତ୍ରଶସ୍ତ୍ର ସହିତ ଅନ୍ୟ ଦୁଇ ବାହାନକୁ ନିଜ ସହିତ ନେଇ ଯାଇଛନ୍ତି । ଆକ୍ରମଣ ପରେ ଘଟଣାସ୍ଥଳକୁ ଅତିରିକ୍ତ ସୈନ୍ୟ ବଳ ପଠାଯାଇଛି । ଏହି ଆକ୍ରମଣରେ ମୃତକ ଏବଂ ଆହତ ସୈନିକଙ୍କ ସଂଖ୍ୟା ୫୩ ରହିଛି ।



ଫରହ ନଗର ଓ ଏହାର ବାହ୍ୟ ଇଲାକାକୁ କବଜା କରିବାକୁ ପ୍ରୟାସ କରୁଥିବା ଆତଙ୍କବାଦୀ ଗତି କିଛି ମାସରେ ଆଫଗାନ ସୈନିକ ଏବଂ ପୋଲିସର କାର୍ଯ୍ୟାନୁଷ୍ଠାନରେ ପଛକୁ ହଟିଥିଲେ । ଏହା ପୂର୍ବରୁ ଶୁକ୍ରବାର ଆଫଗାନିସ୍ତାନର ରାଜଧାନୀ କାବୁଲାରେ ଏକ ସିଆ ମସଜିଦ ନିକଟରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତି କମରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା ।